CS (Main) Exam,2021

**HXS–C–ODA**

# ଓଡ଼ିଆ

( ବାଧ୍ୟତାମୂଳକ )

| ସମୟ : ତିନିଘଣ୍ଟା | ପୂର୍ଣ୍ଣ ସଂଖ୍ୟା : 300 |
|---|---|

## ପ୍ରଶ୍ନପତ୍ର ସଂପର୍କିତ ନିର୍ଦ୍ଦେଶାବଳୀ

**ଉତ୍ତର ଦେବା ପୂର୍ବରୁ ନିମ୍ନରେ ପ୍ରଦତ୍ତ ପ୍ରତ୍ୟେକଟି ନିର୍ଦ୍ଦେଶକୁ ଯତ୍ନର ସହିତ ପାଠ କର**

ପ୍ରତ୍ୟେକଟି ପ୍ରଶ୍ନର ଉତ୍ତର ଦେବାକୁ ହେବ।

ପ୍ରତ୍ୟେକଟି ପ୍ରଶ୍ନ/ପ୍ରଶ୍ନାଂଶ ନିକଟରେ ଏହାର ନମ୍ବର ଦିଆଯାଇଛି।

ଉତ୍ତର **ଓଡ଼ିଆରେ** (ଓଡ଼ିଆ ଲିପି) ବା ପ୍ରଶ୍ନର ନିର୍ଦ୍ଦେଶ ଅନୁସାରେ ହେବା ଆବଶ୍ୟକ।

ପ୍ରଶ୍ନରେ ଯେଉଁଠି ଶବ୍ଦ ସଂଖ୍ୟାର ନିର୍ଦ୍ଦେଶ ରହିଛି ତାହା ପାଳନୀୟ। ଯଦି ପ୍ରଶ୍ନରେ ନିର୍ଦ୍ଦେଶିତ ଶବ୍ଦସଂଖ୍ୟାଠାରୁ ଉତ୍ତର ଯଥେଷ୍ଟ ବେଶି ବା କମ ହୁଏ, ତେବେ ନମ୍ବର କମାଯାଇପାରେ।

ପ୍ରଶ୍ନ–ଉତ୍ତର ପୁସ୍ତିକାର କୌଣସି ପୃଷ୍ଠା ବା ପୃଷ୍ଠାର କିଛି ଅଂଶ ଖାଲି ରହୁଥିଲେ ତାକୁ ଗାର ପକେଇ କାଟିଦେବା ଆବଶ୍ୟକ।

# ODIA

**( Compulsory )**

| Time Allowed : Three Hours | Maximum Marks : 300 |
|---|---|

## QUESTION PAPER SPECIFIC INSTRUCTIONS

**Please read each of the following instructions carefully before attempting questions**

All questions are to be attempted.

The number of marks carried by a question/part is indicated against it.

Answers must be written in ODIA (Odia script) unless otherwise directed in the question.

Word limit in questions, wherever specified, should be adhered to and if answered in much longer or shorter than the prescribed length, marks may be deducted.

Any page or portion of the page left blank in the Question-cum-Answer Booklet must be clearly struck off.

**1.** ନିମ୍ନଲିଖିତ ଯେକୌଣସି **ଗୋଟିଏ** ବିଷୟରେ *600* ଶବ୍ଦମଧ୍ୟରେ ପ୍ରବନ୍ଧ ଲେଖ : 100

*(a)* ଶିଶୁଙ୍କ କୁପୋଷଣ ସମସ୍ୟା

*(b)* ବିଶ୍ୱଶାନ୍ତିର ଆହ୍ୱାନ

*(c)* ମାତୃଭାଷା ଓ ପ୍ରାଥମିକ ଶିକ୍ଷା

*(d)* ସରଗସି (Surrogacy)ର ସାମାଜିକ ସ୍ୱୀକୃତି

**2.** ନିମ୍ନୋକ୍ତ ପରିଚ୍ଛେଦଟିକୁ ପାଠକରି ଏହାର ଶେଷରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର : 12×5=60

ପ୍ରାଚୀନ ଭାରତବର୍ଷରେ ରାଜତନ୍ତ୍ର ଏତେ ପ୍ରଭାବଶାଳୀ ଥିଲା ଯେ, ରାଜାଙ୍କୁ ରାଜ୍ୟର ଆତ୍ମା ବୋଲି କୁହାଯାଉଥିଲା। ପ୍ରାଚୀନ ଧର୍ମଗ୍ରନ୍ଥ ଅନୁଯାୟୀ ରାଜା ପ୍ରଜାଙ୍କ ନିମନ୍ତେ ଈଶ୍ୱରଙ୍କ ପ୍ରତିନିଧି ତୁଲ୍ୟ। ପ୍ରଜା ତାଙ୍କର ସହାୟତାରେ ନିଜ ଜୀବନର ଦୁଃଖ କଷ୍ଟରୁ ମୁକ୍ତି ପାଉଥିଲେ। ରାଜା ବିନା ସାମାଜିକ ଜୀବନ କଷ୍ଟ ପୂର୍ଣ୍ଣ ଥିଲା। ପ୍ରାଚୀନ ଭାରତୀୟ ବିଦ୍ୱାନମାନେ ବିଭିନ୍ନ ସମୟରେ ରାଜା ଏବଂ ରାଜ୍ୟର ଉତ୍ପତ୍ତି ସଂପର୍କରେ ମତବ୍ୟକ୍ତ କରିଛନ୍ତି। ସେମାନଙ୍କର ବିଭିନ୍ନ ସିଦ୍ଧାନ୍ତ ଭାବରେ ଦୈବୀ ସିଦ୍ଧାନ୍ତ, ଶକ୍ତି ସିଦ୍ଧାନ୍ତ, ସୁରକ୍ଷା ସିଦ୍ଧାନ୍ତ ଏବଂ ସାମାଜିକ ସଂପର୍କ ସିଦ୍ଧାନ୍ତ ଆଦି ପ୍ରଧାନ।

କୌଟିଲ୍ୟ ରାଜ୍ୟକୁ ମହତ୍ତ୍ୱପୂର୍ଣ୍ଣ, ଅତ୍ୟାବଶ୍ୟକୀୟ ଏବଂ କଲ୍ୟାଣକାରୀ ଅନୁଷ୍ଠାନ ଭାବରେ ଗ୍ରହଣ କରିଛନ୍ତି। ସେ ରାଜାଙ୍କର ଉତ୍ପତ୍ତିର କ୍ରମବିକାଶ ଉପରେ ଆଲୋଚନା କରିନାହାନ୍ତି, କିନ୍ତୁ ତାଙ୍କ 'ଅର୍ଥଶାସ୍ତ୍ର'ରେ ସେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି—ବଡ଼ ମାଛ ଛୋଟମାଛକୁ କବଳିତ କରୁଥିବା ଭଳି ପ୍ରାଚୀନ କାଳରେ ସବଳ ଲୋକ ଦୁର୍ବଳ ଲୋକଙ୍କ ଉପରେ ଉତ୍ପୀଡ଼ନ କରୁଥିଲେ। ଏହି ପ୍ରକାର ଉତ୍ପୀଡ଼ନକୁ ନ୍ୟାୟିକ ବ୍ୟବସ୍ଥାରେ 'ମତ୍ସ୍ୟନ୍ୟାୟ' କୁହାଯାଏ, ଯାହାର ଅନ୍ୟନାମ ମାଛର ଆଇନ ବା ଜଙ୍ଗଲରାଜ। ଶୋଷିତ ଲୋକେ ସମବେତ ଭାବରେ ଜଣେ ଦକ୍ଷ ବ୍ୟକ୍ତିଙ୍କୁ ସେମାନଙ୍କର ରାଜା ଭାବରେ ଗ୍ରହଣ କଲେ। ସେମାନେ ତାଙ୍କର କୃଷି ଉତ୍ପାଦନର ଷଷ୍ଠ ଅଂଶ ଏବଂ ବାଣିଜ୍ୟ ଆମଦାନୀର ଦଶମ ଅଂଶ ରାଜାଙ୍କୁ ଦେବାପାଇଁ ସ୍ଥିର କରିଥିଲେ। ତା ପରିବର୍ତ୍ତେ ରାଜା ସେମାନଙ୍କର କଲ୍ୟାଣ ଦାୟିତ୍ୱ ବହନ କରିଥିଲେ। ଯେଉଁମାନେ ରାଜାଙ୍କ ଦ୍ୱାରା ନିର୍ଦ୍ଧାରିତ ନିୟମକୁ ଅମାନ୍ୟ କରୁଥିଲେ ସେ ସେମାନଙ୍କୁ ଦଣ୍ଡିତ କରୁଥିଲେ। ରାଜାଙ୍କୁ-ମଧ୍ୟ ଇନ୍ଦ୍ର ଏବଂ ଯମଙ୍କ ସମାନ ପ୍ରଜାଙ୍କର ରକ୍ଷକ ଓ ପୃଷ୍ଠପୋଷକଭାବେ ଗ୍ରହଣ କରାଯାଉଥିଲା। କୌଟିଲ୍ୟଙ୍କ ମତାନୁଯାୟୀ, ରାଜାଙ୍କୁ ଅମାନ୍ୟ କରିବା ଅଥବା ଅପମାନିତ କରିବା ନିଷିଦ୍ଧ ଥିଲା।

ଯେଉଁ ରାଜ୍ୟରେ ରାଜା ପ୍ରଜାଙ୍କର ସୁରକ୍ଷା ପ୍ରଦାନ କରିଥାନ୍ତି, ସେହି ରାଜ୍ୟରେ ଲୋକମାନେ ଘରର ଦ୍ୱାର ଖୋଲାରଖି ନିର୍ଭୟରେ ବାହାରେ ବୁଲନ୍ତି। ଯେତେବେଳେ ରାଜା ସୁରକ୍ଷା ପ୍ରଦାନ କରିଥାନ୍ତି ନାରୀମାନେ ମଧ୍ୟ ଅଳଙ୍କାର ପରିଧାନ କରି ଏକୁଟିଆ ବାହାରେ ବୁଲିପାରନ୍ତି। ଯେଉଁ ରାଜ୍ୟ ରାଜାଙ୍କ ଦ୍ୱାରା ସୁରକ୍ଷିତ, ସେହି ରାଜ୍ୟରେ ମାନବିକତାର ନୀତି ଥାଏ। ସେ ରାଜ୍ୟ ସବୁକ୍ଷେତ୍ରରେ ପ୍ରଗତିଶୀଳ ହୋଇଥାଏ। ଅନ୍ୟାନ୍ୟ ପ୍ରାଚୀନ ସିଦ୍ଧାନ୍ତ ସହିତ ଏକଥା କୌଟିଲ୍ୟଙ୍କ 'ଅର୍ଥଶାସ୍ତ୍ର'ରେ ମଧ୍ୟ କୁହାଯାଇଛି। ପୂର୍ବେ ରାଜାଙ୍କର ସ୍ଥାନ ତଥା କ୍ଷମତା ସ୍ଥାୟୀ ଭାବରେ ନିର୍ଦ୍ଧାରିତ ହୋଇନଥିଲା। କିନ୍ତୁ ବେଦର ପରବର୍ତ୍ତୀ କାଳରେ ଯେତେବେଳେ ରାଜ୍ୟର ସୀମା ବୃଦ୍ଧି ପାଇଲା, ସେତେବେଳେ ରାଜାଙ୍କର ଅଧିକାର ତଥା ସୁନାମ ବଢ଼ିଚାଲିଲା। ପ୍ରଜାଙ୍କ ସୁରକ୍ଷା ଅପେକ୍ଷା ରାଜାଙ୍କର ସୁରକ୍ଷା ଅଧିକ ମହତ୍ତ୍ୱପୂର୍ଣ୍ଣ ହେଲା। ରାଜାଙ୍କର ଶୋଭା, ବୈଭବ ଏବଂ ପ୍ରଦର୍ଶନ ତାଙ୍କର ପଦବୀଠାରୁ ଅଧିକ ହୋଇଗଲା। ଶୁକ୍ରଙ୍କର ସିଦ୍ଧାନ୍ତରେ ଏ ସଂପର୍କରେ ନିଚ୍ଛକ ବର୍ଣ୍ଣନା ରହିଛି।

**ପ୍ରଶ୍ନାବଳୀ :**

*(a)* ରାଜା ଏବଂ ରାଜ୍ୟ ସଂପର୍କରେ ପ୍ରାଚୀନ ଅବଧାରଣା କ'ଣ ଥିଲା ? 12

*(b)* 'ମତ୍ସ୍ୟନ୍ୟାୟ'କୁ ଅନ୍ୟାୟ ବୋଲି କହିବାର ଅର୍ଥ କ'ଣ ? 12

*(c)* ରାଜା ଓ ପ୍ରଜାଙ୍କ ମଧ୍ୟରେ ପାରସ୍ପରିକ ସଂପର୍କର ଆଧାର କ'ଣ ? 12

*(d)* 'ମାନବିକତା ନୀତି'ର ଅର୍ଥ କ'ଣ ? 12

*(e)* ବେଦ ପରବର୍ତ୍ତୀ କାଳରେ ପ୍ରଜାଙ୍କର ସ୍ଥିତିରେ କେଉଁ ପରିବର୍ତ୍ତନ ଆସିଲା ? 12

**3.** ନିମ୍ନଲିଖିତ ଗଦ୍ୟାଂଶଟିର ସଂକ୍ଷିପ୍ତସାର ଏକ-ତୃତୀୟାଂଶ ଶବ୍ଦ ମଧ୍ୟରେ ଲେଖ। ଏହି ଗଦ୍ୟାଂଶଟିର ଏକ ନାମ ଦେବା ଅନାବଶ୍ୟକ। ସାରାଂଶଟିକୁ ନିଜ ଭାଷାରେ ଲେଖ : 60

ରାଜା ରାମମୋହନ ରାୟଙ୍କର କାର୍ଯ୍ୟକଳାପର ବିରୋଧୀ ଭାରତୀୟ ବେପାରୀମାନେ ବ୍ରାହ୍ମ ସମାଜର ପ୍ରଭାବକୁ କମାଇବା ପାଇଁ 1830 ମସିହାରେ 'ଧର୍ମ ସମାଜ' ନାମରେ ଏକ ସଂସ୍ଥା ସ୍ଥାପନ କରିଥିଲେ। ଏହି ସମୟ ମଧ୍ୟରେ ଆଧୁନିକ ଚିନ୍ତାଧାରାର ପ୍ରସାର ନିମନ୍ତେ ହେନ୍‌ରୀ ଡେରୋଜିଓ ହିନ୍ଦୁ କଲେଜରେ 'ଏକାଡେମୀକ ଆସୋସିଏସନ୍' ପ୍ରତିଷ୍ଠା କଲେ। ଏହି ସଂସ୍ଥା ପରମ୍ପରାଗତ ଏବଂ ଅନ୍ଧବିଶ୍ୱାସ ବିରୋଧରେ କାର୍ଯ୍ୟ କରିଥିବା ସଂସ୍ଥା ଠାରୁ ଅଧିକ ଦୃଢ଼ ଥିଲା। ଏହି ସଂଘରୁ ହିଁ ଆରମ୍ଭ ହେଲା 'ଯୁବା ବାଙ୍ଗଲା'। ହିନ୍ଦୁ କଲେଜର କର୍ମଚାରୀଙ୍କ ବିଶୃଙ୍ଖଳା ଦ୍ୱାରା ଏହି ସଂଗଠନ ଖଣ୍ଡ ବିଖଣ୍ଡିତ ହୋଇଗଲା। ଏହି ସଂଗଠନର କେତେକ ସଭ୍ୟ ପରେ ବ୍ରାହ୍ମ ସମାଜରେ ଯୋଗ ଦେଲେ। ରାଜା ରାମମୋହନ ରାୟଙ୍କର ଦେହାନ୍ତ ପରେ ଏହି ସଂଗଠନର ନେତୃତ୍ୱ ଜଣେ ପ୍ରମୁଖ ବଙ୍ଗାଳୀ ବେପାରୀ ଦ୍ୱାରକାନାଥ ଠାକୁରଙ୍କ ହାତରେ ରହିଲା। ଊନବିଂଶ ଶତାବ୍ଦୀର ଚତୁର୍ଥ ଓ ପଞ୍ଚମ ଦଶକରେ ଜ୍ଞାନର ପ୍ରସାର ନିମନ୍ତେ ସେହିପରି ଅନେକ ସାମାଜିକ ସଂଗଠନ ତତ୍‌ପର ହୋଇଉଠିଲେ। ଶେଷରେ 1851 ମସିହାରେ ବ୍ରିଟିଶ୍ ଇଣ୍ଡିଆନ୍ ଆସୋସିଏସନ ନାମକ ଏକ ରାଷ୍ଟ୍ରୀୟ ରାଜନୀତିକ ସଂସ୍ଥା ପ୍ରତିଷ୍ଠିତ ହେଲା।

ଏହିଭଳି ସମାନ ପ୍ରକାରର ଘଟଣା ବମ୍ବେରେ ମଧ୍ୟ ଲକ୍ଷ୍ୟ କରାଗଲା। ଦେଶର ଏହି ଭାଗରେ ବିତ୍ତଶାଳୀ ଏବଂ ସମ୍ମାନୀୟ ପାର୍ଶୀମାନେ ସେ ପ୍ରକାର ଆନ୍ଦୋଳନର ନେତୃତ୍ୱ ବହନ କଲେ। ପାର୍ଶୀମାନେ ଔପନିବେଶିକ ଶାସନ ସହିତ ସହଯୋଗ କରୁଥିଲେ। ସେମାନେ ମହାରାଷ୍ଟ୍ରର ଯୁବା ଉଦୀୟମାନ ବୁଦ୍ଧିଜୀବୀ; ଯେଉଁମାନେ ୟୁରୋପୀୟ ପଦ୍ଧତିରେ ସଂଚାଳିତ ସ୍ଥାନୀୟ ଶୈକ୍ଷିକ ସଂସ୍ଥା ଏଲିଫିନ୍‌ଷ୍ଟନ କଲେଜ ସହ ସଂପୃକ୍ତ ରହିଥିଲେ। ସେମାନଙ୍କ ମଧ୍ୟରେ ପ୍ରମୁଖ ଥିଲେ ବାଲଶାସ୍ତ୍ରୀ ଜାମ୍ଭେକର। ସେ 'ବମ୍ବେ ମିରର' ପରି ଏକ ଇଂରାଜୀ-ମରାଠୀ ପତ୍ରିକା ପ୍ରକାଶ କରି ତା ମାଧ୍ୟମରେ ଭାରତୀୟଙ୍କୁ ଇଂରେଜୀ ଶାସନରେ ଅଂଶଗ୍ରହଣ କରିବା ସପକ୍ଷରେ ଯୁକ୍ତି ଦର୍ଶାଇଥିଲେ। ତା ସହିତ ଇଂରେଜ ଶାସକର କର ଓ ଶୁଳ୍କ ନୀତିର ସମାଲୋଚନା କରିଥିଲେ। ତାଙ୍କ ସହିତ ଯୋଗ ଦେଇଥିବା ଅନ୍ୟ ଜଣେ ଜ୍ଞାନୀ ବ୍ୟକ୍ତି ହେଲେ ରାମକୃଷ୍ଣ ବିଶ୍ୱନାଥ। ସେ ମରାଠୀ ଭାଷାରେ ଲେଖିଥିବା ଭାରତର ଇତିହାସରେ ବ୍ରିଟିଶ ନୀତିର ସମାଲୋଚନା କରୁଥିଲେ। କିନ୍ତୁ ତାଙ୍କର ଧାରଣା ଥିଲା, ଇଂରେଜ ଓ ଭାରତୀୟଙ୍କ ମଧ୍ୟରେ ସଂପର୍କ ସୁଦୃଢ଼ ହେଲେ ସବୁକିଛି ଠିକ ହୋଇଯିବ। ଆଉ ଜଣେ ମରାଠୀ ବ୍ୟକ୍ତି ଗୋପାଳ ହରି ଦେଶମୁଖ ପୁନେରୁ ପ୍ରକାଶିତ 'ପ୍ରଭାକର' ପତ୍ରିକାରେ ଏକ ପ୍ରବନ୍ଧ ମାଧ୍ୟମରେ ଭାରତର ସ୍ୱତନ୍ତ୍ରତା ଅପହରଣର କାରଣ ବିଶ୍ଳେଷଣ କରିଥିଲେ। ତାଙ୍କ ବିଚାର ଅନୁସାରେ ପୁରୁଣା ସାମନ୍ତ ପ୍ରଥାର ପାଳନ ଏବଂ ଅଭିଜାତ ବର୍ଗ ତଥା ଭାରତୀୟ ଜନତାଙ୍କୁ ପୃଥକ କରି ରଖିବା ହିଁ ଅପହରଣର କାରଣ।

1852 ମସିହାରେ ସ୍ଥାପିତ ହୋଇଥିବା ବମ୍ବେ ଆସୋସିଏସନ୍‌ରେ ଏକ ବିଭେଦ ସୃଷ୍ଟି ହେଲା, ଯେତେବେଳେ ଯୁବାଛାତ୍ରମାନେ ଇଂରେଜଙ୍କ ସହିତ ଭାରତୀୟଙ୍କର ସମାନ ଅଧିକାର ଦାବି କଲେ। ଫଳରେ ନରମପନ୍ଥୀ ଉଚ୍ଚବର୍ଗୀୟ ବେପାରୀ ବମ୍ବେ ସଂଗଠନରୁ ଅଲଗା ହୋଇଗଲେ। କେବଳ ମାଡ୍ରାସ୍ ସଂଗଠନ ହିଁ ଭାରତୀୟ ଜମିଦାରଙ୍କ ଦ୍ୱାରା ଚାଷୀମାନଙ୍କର ଶୋଷଣ ବନ୍ଦ କରିବା ପ୍ରସଙ୍ଗ ଉଠାଇଥିଲେ। ସେ ସମୟରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଚାର୍ଟରର ପୁନର୍ଗଠନ ହେଉଥିଲା। ତେଣୁ ଏହି ତିନୋଟି ସଂଗଠନ ଭାରତରେ ଦେଖାଦେଇଥିବା ଔପନିବେଶିକ ଶାସନର ଅନ୍ୟାୟ ସଂପର୍କରେ ଲଣ୍ଡନର ସଂସଦକୁ ଯାଚିକା ପଠାଇଥିଲେ।

(*334* ଶବ୍ଦ)

**4.** ନିମ୍ନ ପରିଚ୍ଛେଦଟିକୁ ଇଂରାଜୀରେ ଅନୁବାଦ କର : 20

ପ୍ରତ୍ୟେକ ଦେଶର ଇତିହାସ ତାହାର ଭୂଗୋଳ ଦ୍ୱାରା ପ୍ରଭାବିତ ହୋଇଥାଏ । ଭାରତ ପ୍ରସଙ୍ଗରେ କହିଲେ, ଏହାର ସଭ୍ୟତା କେଉଁ ଅନାଦି କାଳରୁ ବିକାଶ ଲାଭ କରିଛି। ଭାରତ ପୃଥିବୀର ଅନ୍ୟ ଅଂଶରୁ ଅଲଗା ହେବାରେ ଭୟଙ୍କର ପ୍ରତିବନ୍ଧକ ସୃଷ୍ଟିକରିଛି ଉତ୍ତରାଞ୍ଚଳରେ ପର୍ବତ ଏବଂ ଦକ୍ଷିଣାଞ୍ଚଳରେ ସମୁଦ୍ର। ଫଳରେ, ଏହା ଉପରେ ବିଶେଷ ବିଦେଶୀ ପ୍ରଭାବ ପଡ଼ିପାରି ନାହିଁ। ଏହାର ପଶ୍ଚିମରୁ ପୂର୍ବ ମଧ୍ୟରେ 1600 ମାଇଲ୍ ଲମ୍ବ ଏବଂ 50 ମାଇଲ୍ ପ୍ରସ୍ଥର ଏକ ପାଚେରି ପରି ହିମାଳୟ ରହିଛି। ଏହାର ପୂର୍ବରେ ପଟକୋଇ, ନାଗା ଏବଂ ଲୁଶାଇ ପର୍ବତ ତଥା ତା'ର ଘଞ୍ଚ ଅରଣ୍ୟ ଯୋଗାଯୋଗରେ ବାଧା ସୃଷ୍ଟି କରିଥାଏ। ପଶ୍ଚିମରେ ମଧ୍ୟ ଖାଇବାର ଏବଂ ବୋଲାନ କିଛି ଅବରୋଧ ସୃଷ୍ଟି କରିଛି। ଏହି ପଥ ଦେଇ ବିଦେଶୀମାନେ ପ୍ରବେଶ କରୁଥିଲେ। ଦକ୍ଷିଣାଞ୍ଚଳରୁ ଯୋଗାଯୋଗ ସମୁଦ୍ର ଦ୍ୱାରା ଶହ ଶହ ବର୍ଷ ଧରି ଭାରତକୁ ପଥରୋଧ ହୋଇ ରହିଥିଲା। କିନ୍ତୁ ପରେ ସାମୁଦ୍ରିକ ଯାତାୟତରେ ଅନେକ ପ୍ରଗତି ଘଟିଲା। ଫଳରେ ସମୁଦ୍ର ସାମୁଦ୍ରିକ ବାଣିଜ୍ୟ ନିମନ୍ତେ ଏକ ସହଜ ପଥ ଭାବରେ ବ୍ୟବହାର ହେଲା। 1498 ମସିହାରେ ଭାସ୍କୋଡ଼ାଗାମାଙ୍କ ନେତୃତ୍ୱରେ ପର୍ତ୍ତୁଗୀଜ୍‌ମାନେ ପ୍ରଥମ ଥର ପାଇଁ ଭାରତକୁ ସମୁଦ୍ର ପଥ ଦେଇଆସିଥିଲେ। ପରେ ଡଚ୍, ଫରାସୀ ଏବଂ ଇଂରେଜମାନେ ଆସିଲେ। ସେମାନେ ଭାରତରେ ସାମ୍ରାଜ୍ୟ ବିସ୍ତାର ପାଇଁ ନିଜ ନିଜ ଭିତରେ ଅନେକ ବର୍ଷ ପର୍ଯ୍ୟନ୍ତ ଲଢେଇ କଲେ। ତେଣୁ ଭାରତର ଭୌଗୋଳିକ ପୃଥକତା ଯୋଗୁଁ ଏହାର ସଭ୍ୟତାକୁ ବିଦେଶୀମାନେ ପ୍ରଭାବିତ କରିପାରିନଥିଲେ।

**5.** ନିମ୍ନଲିଖିତ ପରିଚ୍ଛେଦକୁ ଓଡ଼ିଆରେ ଅନୁବାଦ କର : 20

At the stroke of the midnight hour, when the world sleeps, India will awake to life and freedom. A moment comes when we step out from the old to the new. It is fitting that at this solemn moment we take the pledge of dedication to the service of India. The service of India means the service of the millions who suffer. It means the ending of poverty and ignorance. It means the ending of disease and inequality of opportunity. The ambition of the greatest man of our generation has been to wipe every tear from every eye. That may be beyond us, but as long as there are tears and suffering, so long our work will not be over. This is no time for petty and destructive criticism, no time for ill-will or blaming others. We have to build the noble mansion of free India where all her children may dwell.

It is a fateful moment for us in India, for all Asia and for the world. A new star rises, the star of freedom in the East, a new hope comes into being. May the star never set and that hope never be betrayed !

**6.** ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ : 40

*(a)* ବ୍ୟାସବାକ୍ୟ ସହ ସମାସର ନାମ ଲେଖ : 2×4=8

*(i)* କ୍ଷଣସ୍ଥାୟୀ

*(ii)* ମନଗଢ଼ା

*(iii)* ଅନାବିଳ

*(iv)* ଦେଶାନ୍ତର

(b) ନିମ୍ନ ପ୍ରୟୋଗଗୁଡ଼ିକର ବିଶେଷ ଅର୍ଥ ଲେଖି ବାକ୍ୟରେ ବ୍ୟବହାର କର : 2×4=8

(i) କଥା ରଖିବା

(ii) ଅକଲ ସଲାମୀ

(iii) ଆଖି ବୁଜିବା

(iv) ଉଡ଼ନ୍ତା ଚଢ଼େଇର ପର ଗଣିବା

(c) ସନ୍ଧି ବିଚ୍ଛେଦ କର : 2×4=8

(i) ଦେବର୍ଷି

(ii) ସୂର୍ଯ୍ୟୋଦୟ

(iii) ଚଳଚ୍ଚିତ୍ର

(iv) ସଂକଳନ

(d) ଭ୍ରମ ସଂଶୋଧନ କର : 2×4=8

(i) ଉଣା

(ii) ଦିବାରାତ୍ରି

(iii) ଶ୍ରେଷ୍ଠତମ

(iv) ପୁରଷ୍କାର

(e) ନିମ୍ନ ବାକ୍ୟଗୁଡ଼ିକରେ ଥିବା ବିଶେଷଣ ପଦକୁ ଚିହ୍ନାଇ ଦିଅ : 2×4=8

(i) ପବନ ଧୀରେ ବହୁଛି ।

(ii) ପୋଖରୀରେ ନୀଳ କଇଁ ଫୁଟିଛି ।

(iii) ମିଥ୍ୟାବାଦୀ ଲୋକଙ୍କୁ କେହି ବିଶ୍ୱାସ କରନ୍ତି ନାହିଁ ।

(iv) ଆଜିର ସକାଳ ଅତି ମନୋହର ଥିଲା ।

★ ★ ★